## ୨ ଫେବୃଆରୀ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍‌

**ଓ୍ୱହଦ୍ ଯୁଦ୍ଧର ଉତ୍କଟ ପରିସ୍ଥିତି ଓ ମୁସଲମାନମାନଙ୍କ ସଂଘର୍ଷର ବିଶ୍ୱାସବର୍ଦ୍ଧକ ଆଲୋଚନା । ବିଶ୍ୱଯୁଦ୍ଧରୁ ରକ୍ଷା ପାଇବା ସକାଶେ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

**ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଓ୍ୱହଦ୍ ଯୁଦ୍ଧର ଘଟଣାବଳୀରେ ସାହାବାଙ୍କ ବଳୀଦାନ ଓ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ସହିତ ସେମାନଙ୍କର ଅସୀମ ପ୍ରେମାନୁରାଗର (ମୁଁ) ଦୃଷ୍ଟାନ୍ତ ଦେଇଥିଲି । ସେମାନଙ୍କ ମଧ୍ୟରେ ହଜରତ ଅଲୀ [ର.ଅ]ଙ୍କ ବୀରତ୍ୱର ଘଟଣା ଏପରି ଉଲ୍ଲେଖ ରହିଛି ଯେ, ଓ୍ୱହଦ୍ ଯୁଦ୍ଧରେ ଇବ୍‌ନେ କମିୟା ମୁସଏବ୍ ବିନ୍ ଉମେର୍ [ର.ଅ]ଙ୍କୁ ଶହିଦ୍ କରି ମଣିଲା କି ସେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କୁ ଶହିଦ୍ କରି ଦେଇଛି । ଆଉ କୁରୈଶଙ୍କୁ କହିଲା କି ମୁଁ ମୁହମ୍ମଦ [ସ.ଅ]ଙ୍କର ବଧ କରିଦେଇଛି ।**

ହଜରତ ମୁସଏବ୍ ବିନ୍ ଉମେର୍[ର.ଅ] ଶହିଦ୍ ହେବା ଅନ୍ତେ ଇସଲାମୀୟ ଧ୍ୱଜା ହଜରତ ଅଲୀ [ର.ଅ]ଙ୍କ ଅଧୀନ କରିଦିଆଗଲା । ସେ ଜଣକ ପରେ ଜଣେ (ଅମାନ୍ୟକାରୀ ଦଳର) ଧ୍ୱଜାଧାରୀଙ୍କୁ ନିପାତ କରିଦେଲେ । ଅତଏବ ହଜୁର [ସ.ଅ]ଙ୍କ ଆଦେଶକ୍ରମେ ହଜରତ ଅଲୀ ଅମାନ୍ୟକାରୀଙ୍କ ପକ୍ଷରୁ ଲଢୁଥିବା ଉମରୋ ବିନ୍ ଅବଦୁଲ୍ଲାଃ ଜମ୍‌ହି ଓ ଶୈବା ବିନ୍ ମାଲିକ୍‌ଙ୍କୁ ନିହତ କରିଥିଲେ । ହଜରତ ଜିବରିଲ୍ ହଜରତ ଅଲୀ [ର.ଅ]ଙ୍କ ସମ୍ବନ୍ଧରେ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ସୁନିଶ୍ଚିତ ରୂପେ ଏ ସହାନୁଭୂତିର ଅଧିକାରୀ । ଏଥିରେ ହଜୁର [ସ.ଅ]ଙ୍କ ଉତ୍ତର ଦେଲେ, ହଁ ନିଃସନ୍ଦେହ ରୂପେ । ଅଧିକନ୍ତୁ କହିଲେ, ଅଲୀ ମୋର ଏବଂ ମୁଁ ତାଙ୍କର । ପୁନଶ୍ଚ ହ.ଜିବରିଲ୍ କହିଲେ; ଆଉ ମୁଁ ଆପଣ ଦୁହିଁଙ୍କ ମଧ୍ୟରୁ ଅଟେ । ଏହି ପ୍ରସଙ୍ଗକୁ କେନ୍ଦ୍ର କରି ଶିଆ (ଗୋଷ୍ଠୀ) ଅତିଶୟତା ଅବଲମ୍ବନ କରିଥାନ୍ତି ।

ହଜରତ ଅଲୀ [ର.ଅ]ଙ୍କ ବର୍ଣ୍ଣନା କରନ୍ତି; ଓ୍ୱହଦ୍ ଯୁଦ୍ଧରେ ଯେତେବେଳେ ହଜୁର [ସ.ଅ]ଙ୍କ ନିକଟରୁ ଲୋକମାନେ ବିକ୍ଷିପ୍ତ ହୋଇଗଲେ ସେତେବେଳେ ମୁଁ ଶହିଦ୍ ହୋଇଥିବା ମରଶରୀର ମଧ୍ୟରେ ଆପଣ [ସ.ଅ]ଙ୍କୁ ଅନ୍ୱେଷଣ କରିବା ଆରମ୍ଭ କଲି କିନ୍ତୁ ଆପଣଙ୍କୁ ପାଇଲି ନାହିଁ । ସେତେବେଳେ ମୁଁ କହିଲି, ପ୍ରଭୁଙ୍କ ରାଣ ! ହଜୁର[ସ.ଅ] ନା ରଣକ୍ଷେତ୍ର ଛାଡ଼ି ପଳାୟନ କରିପାରନ୍ତି, ନା ମୁଁ ତାଙ୍କୁ ଶହିଦ୍‌ମାନଙ୍କ ମଧ୍ୟରେ ପାଇଲି କିନ୍ତୁ ଦୟାମୟ ପ୍ରଭୁ ଆମମାନଙ୍କ ଉପରେ ଅତିଷ୍ଟ (ରୋଷ) ହୋଇ ନିଜ ପ୍ରିୟ ନବୀଙ୍କୁ ଉଠାଇ ନେଇଛନ୍ତି । **ବସ୍ତୁତଃ ଏବେ ମୋର ମଙ୍ଗଳ ଏହିଥିରେ ନିହିତ ଯେ, ମୁଁ ଶତ୍ରୁର ମୁକାବିଲା କରି ଶହିଦ୍ ହୋଇଯାଏ ।** ହଜରତ ଅଲୀ[ର.ଅ] କୁହନ୍ତି; ସେଥିଅନ୍ତେ ମୁଁ ନିଜ ଖଣ୍ଡାର ମିଆନ୍ ଭାଙ୍ଗି ଦେଲି ଏବଂ ଅମାନ୍ୟକାରୀଙ୍କ ଉପରେ ଅତର୍କିତ ଭାବରେ ଆକ୍ରମଣ କରିଦେଲି । ଫଳତଃ ସେମାନେ ଏଣେତେଣେ ବିଚ୍ଛୁରିତ ହୋଇଗଲେ । ସେତିକିବେଳେ କ'ଣ ଦେଖୁଛି ଯେ, ହଜୁର[ସ.ଅ] ସେମାନଙ୍କ ଗହଣରେ ଜୀବିତ ଅଛନ୍ତି ।

ହଜରତ ମୁସଲେହ ମଉଦ[ର.ଅ] ବର୍ଣ୍ଣନା କରନ୍ତି; ଓ୍ୱହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରି ହଜରତ ଅଲୀ[ର.ଅ] ନିଜ ଖଣ୍ଡା ହଜରତ ଫାତିମା [ର.ଅ]ଙ୍କୁ ପରିଷ୍କାର କରିବାକୁ ଦେଇ କହିଲେ; ଆଜି ମୋର ଏହି ଖଣ୍ଡାଟି ଖୁବ୍ କୌଶଳ (ରକ୍ତପାତ) କଲା । ଏହା ଶୁଣି ହଜୁର[ସ.ଅ] କହିଲେ; ଅଲୀ ! କେବଳ ତୁମ ଖଣ୍ଡା ରକ୍ତର ସ୍ୱାଦ ଆସ୍ୱାଦନ କରି ନାହିଁ । ପୁନଶ୍ଚ ଆପଣ[ସ.ଅ] ୬/୭ ଜଣ ସାହାବାଙ୍କର ନାମ ନେଇ କହିଲେ, ସେମାନଙ୍କ ଖଣ୍ଡା ମଧ୍ୟ ନିଜ କୌଶଳ ଦେଖାଇଲେ ।

ହଜରତ ମିର୍ଜା ବଶିର ଅହେମଦ୍ ସାହେବ ନିଜ ପୁସ୍ତକ "ସିରତ୍ ଖାତମୁନ୍ ନବୀଇନ୍"ରେ ଅନ୍‌ସାରୀ ସାହାବୀ ହଜରତ ତଲ୍‌ହା [ର.ଅ]ଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ, ସେ ନିହନ୍ତର ତୀର ନିକ୍ଷେପ କରି ତିନୋଟି ଧନୁ ଭାଙ୍ଗି ଦେଇଥିଲେ । ଆଉ ଶତ୍ରୁର ତୀର ମୁକାବିଲାରେ ଦୃଢ଼ତାର ସହ ଦଣ୍ଡାୟମାନ ରହିଥିଲେ ଏବଂ ନିଜ ଢ଼ାଲ ମାଧ୍ୟମରେ ହଜୁର [ସ.ଅ]ଙ୍କର ପବିତ୍ର ଶରୀରକୁ ଢ଼ାଙ୍କି ଦେଇଥିଲେ ।

ହଦିସ୍‌ରେ ବର୍ଣ୍ଣିତ ରହିଛି ହଜରତ ସାଦ୍ ବିନ୍ ଓ୍ୱକାସ [ର.ଅ]ଙ୍କୁ ହଜୁର[ସ.ଅ] ତୀର ଯୋଗାଇ ଦେଉଥିଲେ ଏବଂ ସେ ଶତ୍ରୁ ଉପରେ ଭୀଷଣ ତୀର ବର୍ଷା କରି ଚାଲିଥିଲେ । ଏକଦା ହଜୁର[ସ.ଅ] ହଜରତ ସାଦ୍ [ର.ଅ]ଙ୍କୁ କହିଲେ; ତୁମ ପାଇଁ ମୋ ପିତାମାତା ଉତ୍ସର୍ଗ ବରାବର ଶତ୍ରୁ ଉପରେ ତୀର ନିକ୍ଷେପ କରିଚାଲ । **ଏକଥା ହଜରତ ସାଦ୍[ର.ଅ] ନିଜ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅତି ଗର୍ବର ସହିତ ଲୋକମାନଙ୍କୁ ଶୁଣାଉ ଥିଲେ ।**

ହଜରତ ଅବୁ ଦଜାନାଃ ଦୀର୍ଘ ସମୟ ପର୍ଯ୍ୟନ୍ତ ହଜୁର [ସ.ଅ]ଙ୍କର ପବିତ୍ର ଶରୀରକୁ ନିଜ ଶରୀର ଦ୍ୱାରା ଢ଼ାଙ୍କି ରଖିଥିଲେ । ଆଉ ଯେଉଁ ପଥର ଓ ତୀର ଆସୁଥିଲା ତାହା ଆଡ଼କୁ ନିଜ ଶରୀର କରି ଦେଉଥିଲେ । ଏପରିକି ତାଙ୍କ ଶରୀର ଅନେକ ତୀରବିଧ ଦ୍ୱାରା କ୍ଷତବିକ୍ଷତ ହୋଇଗଲା । ପୁନଶ୍ଚ ହଜରତ ସୋହେଲ୍ ବିନ୍ ହନିଫ୍[ର.ଅ] ଯେ ଜଣେ ମହାନ ଓ ଉଚ୍ଚସ୍ତରରେ ଅଧିଷ୍ଠିତ ସାହାବି ଥିଲେ । ଓ୍ୱହଦ୍ ଯୁଦ୍ଧ ଦିନ ସେ ମଧ୍ୟ ଶତ୍ରୁର ମୁକାବିଲାରେ ଦାମ୍ଭିକତା ପ୍ରଦର୍ଶନ କରିଥିଲେ । ସେଦିନ ସେ ହଜୁର [ସ.ଅ]ଙ୍କ ହସ୍ତରେ ମୃତ୍ୟୁର ସ୍ୱାଦ ଆସ୍ୱାଦନ କରିବାର ବୈଅତ୍ କରିଥିଲେ । ଆପଣ ହଜୁର [ସ.ଅ]ଙ୍କ ସମ୍ମୁଖରେ ଢ଼ାଲ ପରି ଅଟଳ ଓ ଅବିଚଳ ରହିଥିଲେ ।

ପୁଣି ଉମ୍ମେ ଅମାରାଃ [ର.ଅ]ଙ୍କର ଚର୍ଚ୍ଚା ମିଳୁଅଛି ଯେ, ସେ ବୀରତାର ଅଭୂତପୂର୍ବ ପ୍ରତିଭା ପ୍ରଦର୍ଶନ କରିଥିଲେ । ହଜୁର[ସ.ଅ] ତାଙ୍କ ସମ୍ବନ୍ଧରେ କହିଲେ; ଓ୍ୱହଦ୍ ଯୁଦ୍ଧଦିନ ମୁଁ ନିଜ ବାମ ଓ ଦକ୍ଷିଣ ଯେଉଁ ପାର୍ଶ୍ୱକୁ ଚାହୁଁଥିଲି ତାଙ୍କୁ ମୋ ସୁରକ୍ଷାରେ (ଶତ୍ରୁ ସହ ଲଢ଼ୁ ଥିବାର) ଦେଖିବାକୁ ପାଉଥିଲି । ଯୁଦ୍ଧରେ ଅବୁ ସୁଫୟାନ୍ ସହିତ କଥୋପକଥନ ଏବଂ କୁରୈଶଙ୍କର ସେଠାରୁ ମକ୍କା ଫେରି ଯିବାର ବର୍ଣ୍ଣନା ମିଳୁଅଛି ।

ହଜରତ ମୁସଲେହ ମଉଦ[ର.ଅ] ହଜୁର [ସ.ଅ]ଙ୍କର କ୍ଷତାକ୍ତ ହୋଇ ମୂର୍ଚ୍ଛିତ ହେବା ଏବଂ ତତ୍‌ପଶ୍ଚାତ ଘଟଣାବଳୀର ଚର୍ଚ୍ଚା କରି କୁହନ୍ତି; କିଛିକ୍ଷଣ ପରେ ହଜୁର [ସ.ଅ]ଙ୍କର ଚେତା ଫେରି ଆସିଲା ଏବଂ ସାହାବା ରଣକ୍ଷେତ୍ରର ଚର୍ତୁପାର୍ଶ୍ୱରେ ଲୋକମାନଙ୍କୁ ପ୍ରେରଣ କରିଦେଲେ କି ମୁସଲମାନମାନେ ଏକତ୍ରିତ ହୋଇଯାନ୍ତୁ । ସେଥିଅନ୍ତେ ହଜୁର[ସ.ଅ] ସେମାନଙ୍କୁ ନେଇ ପର୍ବତର ଶିଖରକୁ ଚାଲିଗଲେ । ଯେତେବେଳେ ସେଠାରେ ବର୍ତ୍ତି ଯାଇଥିବା ମୁସଲମାନ ସୈନିକମାନେ ଦଣ୍ଡାୟମାନ ଥିଲେ ସେତେବେଳେ ଅବୁ ସୁଫୟାନ୍ ଖୁବ୍ ତୀବ୍ର ସ୍ୱରରେ କହିଲା; ଆମେ ମୁହମ୍ମଦ [ସ.ଅ]ଙ୍କର ବଧ କରିଦେଲୁ । କିନ୍ତୁ ହଜୁର[ସ.ଅ] ତାହାର ଉତ୍ତର ଦେଲେ ନାହିଁ । ଯେତେବେଳେ ମୁସଲମାନମାନଙ୍କ ଠାରୁ କିଛି ଉତ୍ତର ମିଳିଲା ନାହିଁ ସେତେବେଳେ ଅବୁ ସୁଫୟାନ୍ ନିଶ୍ଚିନ୍ତ ହୋଇଗଲା ଯେ, ତାହାର ଧାରଣା ଠିକ୍ ଏବଂ ସେ ଘୋଷଣା କଲା କି ଆମେ ଅବୁବକର ଓ ଉମର [ର.ଅ]ଙ୍କର ମଧ୍ୟ ବଧ କରିଦେଇଛୁ... ଅଦ୍ୟାବଧି ଅମାନ୍ୟକାରୀଙ୍କୁ ବିଶ୍ୱାସ ହୋଇଗଲା ଯେ, ଇସଲାମର ସଂସ୍ଥାପକ ଓ ତାଙ୍କ ବାମ ତଥା ଦକ୍ଷିଣ ଉଭୟ (ମଜବୁତ୍) ବାହୁକୁ ଶେଷ କରିଦେଇଛୁ । ଏଥିରେ ଅବୁ ସୁଫୟାନ୍ ଓ ତାହାର ସାଥିମାନେ ମହାଆନନ୍ଦରେ ଶ୍ଳୋଗାନ ଲଗାଇଲେ...

ଆମ ମହାମହିମ ହୁବୁଲ୍ (ପ୍ରତିମାର) ମର୍ଯ୍ୟାଦା ଉର୍ଦ୍ଧ୍ୱଗାମୀ ହେଲା । କାରଣ ଆଜି ସେ ଇସଲାମକୁ ନିପାତ କରିଦେଲେ । ହଜରତ ମୁସଲେହ ମଉଦ[ର.ଅ] କୁହନ୍ତି; ସେହି ମହାନ ଅବତାର ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଯେ ନିଜ ବିନାଶ ହେବା, ଅବୁବକର ଓ ଉମର [ର.ଅ]ଙ୍କର ନିହତ ହେବା ଘୋଷଣାରେ ନିରବ ରହିବା ପାଇଁ ଆଦେଶ ଦେଇଥିଲେ, ଯଦ୍ୱାରା ଏପରି ନହେଉ କି ଭୀଷଣ ରୂପେ ଆଘାତ ପ୍ରାପ୍ତ ମୁସଲମାନମାନଙ୍କ ଉପରେ ଅମାନ୍ୟକାରୀମାନେ ପୁନଃ ଆକ୍ରମଣ କରିଦିଅନ୍ତୁ ଏବଂ ମୁଠାଏ ମୁସଲମାନ ସେମାନଙ୍କ ପ୍ରତିରୋଧ ନକରିପାରି ଶେଷ ହୋଇଯାନ୍ତୁ । କିନ୍ତୁ ଏବେ ଯେହେତୁ ଏକ ଓ ଅତୁଲ୍ୟ ପରମେଶ୍ୱରଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବା ଓ ତାଙ୍କ ଉପରେ ପ୍ରଶ୍ନବାଚୀ ଉତ୍‌ଥିତ ହେଉଥିଲା, ଆଉ ଶିରକ୍ (ଅନେକଶ୍ୱରବାଦ)ର ଶ୍ଳୋଗାନ ମଇଦାନ୍‌ରେ ଗୁଞ୍ଜରିତ ହେଲା, ସେତେବେଳେ ହଜୁର[ସ.ଅ] ଅଥୟ ହୋଇ ପଡ଼ିଲେ ଏବଂ ଅତି ଆବେଗ ପୂର୍ଣ୍ଣତାର ସହ ସାହାବାଙ୍କ ଆଡ଼କୁ ଚାହିଁ କହିଲେ; ତୁମେମାନେ (ଏହାର) ଉତ୍ତର କାହିଁ ଦେଉ ନାହଁ? ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ ଆମେ କ'ଣ କହିବୁ? ଆପଣ[ସ.ଅ] କହିଲେ; କୁହ କି ତୁମେ ମିଥ୍ୟା କହୁଛ ଯେ, ହୁବୁଲ୍ ପ୍ରତିମାର ମର୍ଯ୍ୟାଦା ଉର୍ଦ୍ଧ୍ୱଗାମୀ ହେଲା । ନା ବରଂ ଏକ ଓ ଅଦ୍ୱିତୀୟ ପରମେଶ୍ୱରଙ୍କ ହିଁ ଶାଶ୍ୱତ ଏବଂ ତାଙ୍କର ମର୍ଯ୍ୟାଦା ସର୍ବୋଉର୍ଦ୍ଧ୍ୱେ । ଏପରି ଆପଣ ନିଜ ଜୀବିତ ଥିବାର ସୂଚନା ଶତ୍ରୁକୁ ବୋଧ କରାଇଲେ । ଏହି ସାହସ ଓ ବିରତ୍ୱପୂର୍ଣ୍ଣ ଉତ୍ତରର ପ୍ରଭାବ ଅମାନ୍ୟକାରୀଙ୍କ ଉପରେ ଏପରି ପ୍ରଭୁତ୍ୱ ବିସ୍ତାର କଲା କି ତାଙ୍କ (ବିଜୟ)ର ଆଶା ପାଣି ଫୋଟକା ପରି ଫସର ଫାଟିଗଲା । ଫଳତଃ ଏମିତି ଦେଖିବାକୁ ଗଲେ ସେମାନଙ୍କ ସମ୍ମୁଖରେ ମାତ୍ର ହାତ ମୁଠାଏ କ୍ଷତାକ୍ତ ମୁସଲମାନ ଦଣ୍ଡାୟମାନ ଥିଲେ ଯାହାଙ୍କ ଉପରେ ଚଢ଼ାଉ କରି ତାଙ୍କୁ ନିପାତ କରିବା ସାଂସାରିକ ଦୃଷ୍ଟି କୋଣରୁ ଅତି ସହଜ ଥିଲା । ତଥାପି ସେମାନେ ତାହା କରିବାର ସାହସ ଜୁଟାଇ ପାରିଲେ ନାହିଁ । ଆଉ ଯେଉଁଳି ବିଜୟ ସେମାନଙ୍କୁ ଲାଭ ହୋଇଥିଲା ସେହିଥିରେ ଆନନ୍ଦିତ ହୋଇ, ମକ୍କା ଫେରିଗଲେ । ହଜରତ ମୁସଲେହ ମଉଦ[ର.ଅ] ବିଭିନ୍ନ ଦିଗରୁ ଏହି ଘଟଣା ଭିନ୍ନ ଭିନ୍ନ ସ୍ଥାନରେ ବର୍ଣ୍ଣନା କରିଛନ୍ତି ଯାହାକି ଇନ୍‌ଶାଅଲ୍ଲାଃ ଆସନ୍ତାରେ ଆଲୋଚନା କରିବି ।

ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] କହିଲେ; ବର୍ତ୍ତମାନ ମୁଁ ଯେପରିକି ଦୁଆ କରିବା ପାଇଁ କହିଥାଏ । ଫିଲିସ୍ତିନ୍‌ର ସଂକଟାପର୍ଣ୍ଣ ପରିସ୍ଥିତି ସାମାନ୍ୟ ହେବା ନିମନ୍ତେ ଦୁଆ ଅବ୍ୟାହତ ରଖିବେ । ଶୁଣିବାକୁ ମିଳୁଛି ଯେ, ଗାଜାରେ ଯୁଦ୍ଧ ବିରାମର ପ୍ରୟାସ ହେଉଅଛି । ସମ୍ଭବତଃ ଇସ୍ରାଇଲ୍ ପ୍ରଶାସନ ଏହି ପ୍ରସ୍ତାବରେ କିଞ୍ଚିତ ରାଜି ହୋଇଯିବ । କିନ୍ତୁ ଲବନାନ୍‌ର ସୀମାନ୍ତରେ ଯୁଦ୍ଧର ବାଦଲ ଘନୀଭୂତ ହେଉଅଛି । ଆଉ ତାହାର ପ୍ରଭାବ ଫିଲିସ୍ତିନର ଓ୍ୱେଷ୍ଟ ବ୍ୟାଙ୍କ (ପଶ୍ଚିମ ପ୍ରାନ୍ତ)ରେ ପଡ଼ିବ । ନ୍ୟାୟର ତ କୌଣସି ଚିହ୍ନବର୍ଣ୍ଣ ପାଶ୍ଚାତ୍ୟ ପ୍ରଶାସନ ନିକଟରୁ ପ୍ରତୀୟମାନ ହେଉ ନାହିଁ । ଏବେ ତ ସେମାନଙ୍କ ଲିପିକାରମାନେ ମଧ୍ୟ ମୁକ୍ତ ଭାବରେ ଲେଖିବା ଆରମ୍ଭ କରିଦେଲେଣି ଯେ, (ଅଧିକାରୀମାନେ) ଅନ୍ୟାୟର ସୀମା ଲଙ୍ଘି ଯାଇଛନ୍ତି । ଆମେରିକାର ପ୍ରଶାସନିକ ମୁଖ୍ୟ ନିଜ ଅର୍ଥନୀତିକୁ ଉନ୍ନତି କରିବା ସକାଶେ ସେହି ଯୁଦ୍ଧର ପୃଷ୍ଠପୋଷକତା କରୁଅଛି । ଏତଦ୍ ଦ୍ୱାରା ତାଙ୍କର ଆମଦାନୀରେ ଅଭିବୃଦ୍ଧି ଘଟୁଅଛି । କାରଣ ତାଙ୍କ ଅସ୍ତ୍ରଶସ୍ତ୍ରର କାରଖାନାଗୁଡ଼ିକର ଉତ୍ପାଦନ ବଢ଼ିଯାଇଛି । ଏବେ ତ ତାଙ୍କ ସମୀକ୍ଷକମାନେ ମଧ୍ୟ ଏହା କହିବା ଆରମ୍ଭ କଲେଣି ଯେ, ଆମେରିକା ନିଜ ଅର୍ଥନୀତିକୁ ମଜବୁତ୍ କରିବା ସକାଶେ ଏହି ଯୁଦ୍ଧକୁ ପ୍ରଶସ୍ତ କରୁଅଛି ଏବଂ ବିଶ୍ୱରେ ଅଶାନ୍ତି ଓ ବିଶୃଙ୍ଖଳାର ବଜାର ସରଗରମ କରୁଅଛି । ଏମାନେ ଜାଣନ୍ତି ନାହିଁ ଯେ ସର୍ବଶକ୍ତିମାନ ଈଶ୍ୱରଙ୍କ ଗିରଫରୁ ସେମାନେ ବର୍ତ୍ତି ପାରିବେ ନାହିଁ । ସେ ଯାହା ହେଉ ଅହେମଦି ତ ନିଜ ଦୁଆ ଓ ପ୍ରମୁଖ ଲୋକମାନଙ୍କୁ ଏହି ବିଭୀଷିକାରୁ ରକ୍ଷା ପାଇବା ନିମନ୍ତେ ସତର୍କ କରିବାରେ ନିଜ ଭୂମିକା ସମ୍ପାଦନ କରିବା ଉଚିତ୍ । ବିଗତ ଦିନରେ ଏହି ସମ୍ବାଦ ଶୁଣିବାକୁ ମିଳିଲା ଯେ, U.N.Oର ସଂସ୍ଥାକୁ ଆମେରିକା ଓ ଇଂଲଣ୍ଡ ଯେଉଁ (ଆର୍ଥିକ) ସାହାଯ୍ୟ ପ୍ରଦାନ କରୁଥିଲେ ତାହା ଆସନ୍ତାରେ ଦେବାକୁ ମନା କରି ଦେଇଛନ୍ତି । କାରଣ ତାଙ୍କର କୁଆଡ଼େ ୧୧/୧୨ଜଣ ଲୋକ ହମାସ୍ ସହିତ ସମ୍ମିଳିତ ଥିବାର ସେମାନେ (ଗୁପ୍ତ) ସୂଚନା ପାଇଛନ୍ତି । ତେଣୁ

ସେମାନେ ଫିଲିସ୍ତିନ୍‌କୁ ସାହାଯ୍ୟ ଯୋଗାଇ ନଦେବାର ଚାପ ପକାଉଛନ୍ତି । ଏପରି ସେମାନେ କେବଳ ତାଙ୍କୁ ନିଜ ଇଚ୍ଛାନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ କରୁଛନ୍ତି । ଏତଦ୍ ବ୍ୟତୀତ ଆଉ କୌଣସି ଉଦ୍ଦେଶ୍ୟ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର କଥା ଏହିକି ଯେ, ପାଶ୍ଚାତ୍ୟ ରାଷ୍ଟ୍ରମାନେ ସାହାଯ୍ୟ ବନ୍ଦ କରିବା ପ୍ରସଙ୍ଗ କୌଣସି ଖବରକାଗଜରେ ପ୍ରକାଶିତ କିମ୍ୱା ମିଡ଼ିଆରେ ପ୍ରସାରଣ କରାଯାଉ ନାହିଁ । **ତୈଳ ସମ୍ପଦର ଅଧିକାରୀ ମୁସଲମାନ ରାଷ୍ଟ୍ରମାନେ ଘୋଷଣା କରିଛନ୍ତି କି ଆମେ ସେହି ସାହାଯ୍ୟ ଅବ୍ୟାହତ ରଖିବୁ ।** କାରଣ U.N.O ଘୋଷଣା କରିଦେଇଛି ଯେ, ଯଦି ଆସନ୍ତାରେ ଆମକୁ ସାହାଯ୍ୟ ନମିଳେ ତେବେ ଫେବୃଆରୀ ମାସ ପରେ ଆମେ ଫିଲିସ୍ତିନ୍‌କୁ ସାହାଯ୍ୟ ଯୋଗାଇ ପାରିବୁ ନାହିଁ ।

ସେ ଯାହା ହେଉ ଅଲ୍ଲାଃତାଲା ଏହି ମୁସଲମାନ ରାଷ୍ଟ୍ରମାନଙ୍କୁ ନିଜ ଭୂମିକା ସଠିକ୍ ରୂପେ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଜଗତରୁ ଏହି ବିବାଦ ଓ ବିଶୃଙ୍ଖଳା ସମାପ୍ତ ହେଉ । ସମ୍ପ୍ରତି ଇରାନ୍ ସହିତ ଯୁଦ୍ଧର ସଙ୍କଟ ଘନୀଭୂତ ହେଉଅଛି । ଏହିପରି ୟମନ୍‌ର ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ଆମର ଜଣେ ନିଷ୍ଠାପର ଅହେମଦି କଏଦ ଅଥବା ନଜରବନ୍ଦୀ ରହିବା ଅବସ୍ଥାରେ ସଠିକ୍ ରୂପେ ଚିକିତ୍ସା ନମିଳିବାରୁ ଦେହତ୍ୟାଗ କରିଛନ୍ତି । ପ୍ରକୃତ ଖବର ତ ବହୁ କଷ୍ଟରେ ମିଳୁଅଛି ତେବେ ସେମାନଙ୍କୁ ଯେ ବିପତ୍ତିରେ ଘେରି ରହିଛନ୍ତି, ନିଜ ଦୁଆରେ ସ୍ମରଣ ରଖିବେ । ମୃତକଙ୍କ ସମ୍ୱନ୍ଧରେ ସମସ୍ତ ସୂଚନା ହସ୍ତଗତ ହେବା ପରେ ଇନ୍‌ଶାଅଲ୍ଲାଃ ମୁଁ ତାଙ୍କର ଜନାଯାଃ ଗାଏବ ପାଠ କରାଇବି ।

ପାକିସ୍ତାନର ଅହେମଦିଙ୍କୁ ମଧ୍ୟ ନିଜ ଦୁଆରେ ମନେ ରଖିବେ । ନିଜ ରାଜନୈତିକ ସ୍ୱାର୍ଥ୍ୟ ହାସଲ କରିବା ସକାଶେ ସେମାନେ ସର୍ବଦା ଅହେମଦିମାନଙ୍କର ଶିକାର କରୁଛନ୍ତି । ଏହିପରି କେତେକ ଚରମପନ୍ଥୀ ସଂଗଠନ ଠାରୁ ମଧ୍ୟ ଜମାଅତକୁ ଭୟ ରହିଛି । ତେବେ ଅହେମଦିମାନଙ୍କୁ ତ ଉଭୟ ପାର୍ଶ୍ୱରୁ ଭୟ ଘେରି ରହିଛି । ଜଣେ ସହରୀ, ଜଣେ ଅହେମଦି ହେବା ଦୃଷ୍ଟି କୋଣରୁ ରବୱା ଓ ବାକି ସହରର ଅହେମଦିମାନଙ୍କ ପାଇଁ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖିଥାନ୍ତୁ । ଦୁଷ୍ଟ ଓ ଖଳ ଲୋକମାନଙ୍କ ଦୁଷ୍ଟାମି (ଷଡ଼ଯନ୍ତ୍ର) ସେହିମାନଙ୍କ ଉପରକୁ ଫେରସ୍ତ କରି ଦିଅନ୍ତୁ । ପ୍ରତ୍ୟେକ ଦେଶରେ ବସବାସ କରୁଥିବା ଅହେମଦିମାନଙ୍କର ଅଲ୍ଲାଃତାଲା ସାହା ହୁଅନ୍ତୁ । ସଂସାରବାସୀ ଏହି ବାସ୍ତବତାକୁ ହୃଦୟଙ୍ଗମ କରି ନିଅନ୍ତୁ କି ସକଳ ଜଗତର ପାଳନକର୍ତ୍ତା ଆଡ଼କୁ ମନଯୋଗ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । **ସେମାନଙ୍କର ଜୀବିତ ରହିବା ଏହିଥିରେ ହିଁ ନିର୍ଭରଶୀଳ କି ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନି ନିଅନ୍ତୁ । ଆଉ ତାଙ୍କ ପ୍ରେରିତ ଦୂତଙ୍କ ଆଜ୍ଞାବହତା ସ୍ୱୀକାର କରି ନିଅନ୍ତୁ ।** ଅଲ୍ଲାଃତାଲା ଏଥିନିମନ୍ତେ ସେମାନଙ୍କୁ ଶକ୍ତି ପ୍ରଦାନ କରନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।